# NATIONAL NEWS BULLETIN (ODIA)

## 6 August - 2025

### Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ଭାରତ-ଫିଲିପାଇନ୍ସ ଭାଗିଦାରୀ ଉଭୟ ଦେଶର ଜନସାଧାରଣଙ୍କ ଲାଗି ଲାଭଦାୟକ ହେବା ସହିତ ସମ୍ପୃକ୍ତ ଅଞ୍ଚଳର ଶାନ୍ତି, ସ୍ଥିରତା ଓ ସମୃଦ୍ଧି ଦିଗରେ ସହାୟକ ହୋଇଥାଏ, କହିଲେ ରାଷ୍ଟ୍ରପତି ।
- ତୃତୀୟ କର୍ତ୍ତବ୍ୟ ଭବନକୁ ଆଜି ନୂଆଦିଲ୍ଲୀରେ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଗରିବ ଏବଂ ଜମିହୀନ ଲୋକଙ୍କ ସମୃଦ୍ଧି ଲାଗି ସମବାୟ କ୍ଷେତ୍ର ମାଧ୍ୟମରେ ଉନ୍ମୋଚିତ ହୋଇପାରିବ ବିକାଶର ନୂତନପଥ, କେନ୍ଦ୍ର ସମବାୟ ମନ୍ତ୍ରୀଙ୍କ ସୂଚନା ।

ଏବଂ

- ରୁଷ ଠାରୁ ଶକ୍ତି କିଣୁଥିବା ଦେଶଗୁଡ଼ିକ ଉପରେ କେତେ ପ୍ରତିଶତ ଶୁଳ୍କ ଲଗାଯିବ ସେ ସମ୍ପର୍କରେ କୌଣସି ମନ୍ତବ୍ୟ ଦେଇ ନାହାନ୍ତି ବୋଲି ଆମେରିକା ରାଷ୍ଟ୍ରପତିଙ୍କ ସ୍ପଷ୍ଟୋକ୍ତି ।

# ପ୍ରେସ୍-ଇଣ୍ଡିଆ ଫିଲିପାଇନ୍ସ

ଭାରତ-ଫିଲିପାଇନ୍ସ ଭାଗିଦାରୀ କେବଳ ଦୁଇ ଦେଶର ଜନସାଧାରଣଙ୍କ ଲାଗି ଲାଭଦାୟକ ନୁହେଁ ବରଂ ସମ୍ପୃକ୍ତ ଅଞ୍ଚଳର ଶାନ୍ତି, ସ୍ଥିରତା ଓ ସମୃଦ୍ଧି ଦିଗରେ ସହାୟତା ପ୍ରଦାନ କରିଥାଏ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି । ଫିଲିପାଇନ୍ସ ରାଷ୍ଟ୍ରପତି ଫେଡିନାଣ୍ଡ ରୁମୁଆଲ୍-ଡେଜ୍ ଜୁନିୟର୍‌ଙ୍କର ପ୍ରଥମ ଭାରତ ଗସ୍ତ ଅବସରରେ ଅଭିନନ୍ଦନ ଜଣାଇ ଶ୍ରୀମତୀ ମୁର୍ମୁ ଏହା କହିଛନ୍ତି ।

ସେ କହିଛନ୍ତି, ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଥିବା ସହଯୋଗକୁ ଅଧିକ ସଶକ୍ତ କରାଯାଇ ପାରିଲେ ବାଣିଜ୍ୟ, ପ୍ରତିରକ୍ଷା, ସୁରକ୍ଷା ଏବଂ ବିକାଶ ଦିଗରେ ଥିବା ଭାଗିଦାରୀ ମଧ୍ୟ ଅଧିକ ସୁଦୃଢ଼ ହୋଇପାରିବ । ଭାରତ ଓ ଫିଲିପାଇନ୍ସ ମଧ୍ୟରେ ରହିଥିବା ବହୁ ଦିନରେ ବନ୍ଧୁତ୍ୱ’ ସଭ୍ୟତା, ଐତିହାସିକ ତଥା ସାଧାରଣ ମୂଲ୍ୟବୋଧ ଭିତ୍ତିକ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି । ଭାରତ ଓ ଫିଲିପାଇନ୍ସ ଦ୍ୱିପକ୍ଷୀୟ ସମ୍ପର୍କକୁ ରଣନୈତିକ ଭାଗିଦାରୀରେ ପରିଣତ କରିବା ଉପରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଗୁରୁତ୍ୱାରୋପ କରିଛନ୍ତି । ପହଲଗାମ୍ ସନ୍ତ୍ରାସବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହିତ ଏ ଦିଗରେ ଭାରତର ପଦକ୍ଷେପକୁ ସମର୍ଥନ ଜଣାଇଥିବାରୁ ସେ ଫିଲିପାଇନ୍ସ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ୭୫ ବର୍ଷ ପୂର୍ତ୍ତି ଅବସରରେ ଫିଲିପାଇନ୍ସ ରାଷ୍ଟ୍ରପତିଙ୍କ ଗସ୍ତ ଉଭୟ ଦେଶ ମଧ୍ୟରେ ଭାଗିଦାରୀକୁ ଅଧିକ

ସଶକ୍ତ କରିବ ବୋଲି ଦୁଇ ନେତା ସହମତ ହୋଇଛନ୍ତି । ଫିଲିପାଇନ୍ସ ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ଶ୍ରୀମତୀ ମୁର୍ମୁ ଗତକାଲି ଏକ ନୈଶ୍ୟ ଭୋଜିର ଆୟୋଜନ କରିଥିଲେ ।

## ପିଏମ୍-କର୍ତ୍ତବ୍ୟ ଭବନ

ନୂଆଦିଲ୍ଲୀର କର୍ତ୍ତବ୍ୟପଥ ଠାରେ ନିର୍ମିତ କର୍ତ୍ତବ୍ୟ ଭବନ-୩କୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିବେ । ଏହି ଅବସରରେ ଏକ ସାଧାରଣ ସଭାକୁ ଶ୍ରୀ ମୋଦୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । କେନ୍ଦ୍ରୀୟ ପ୍ରଶାସନିକ ସେବା ପ୍ରକ୍ରିୟାକୁ ଅଧିକ ସୁଗମ କରିବା ଲକ୍ଷ୍ୟ ନେଇ ଗ୍ରହଣ କରାଯାଉଥିବା ପଦକ୍ଷେପର କର୍ତ୍ତବ୍ୟ ଭବନ ହେଉଛି ଏକ ଅଂଶ । ସାଧାରଣ କେନ୍ଦ୍ରୀୟ ସଚିବାଳୟ ଅଟ୍ଟାଳିକା ମଧ୍ୟରୁ ଏହା ପ୍ରଥମ ହେବ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦିଲ୍ଲୀର ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗ ସହ ସମନ୍ୱୟ ରକ୍ଷା କରି ଦକ୍ଷତା, ନବସୃଜନ ଏବଂ ସହଯୋଗକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ କର୍ତ୍ତବ୍ୟ ଭବନ ପ୍ରସ୍ତୁତ କରାଯାଇଛି । ପ୍ରାୟ ଦେଢ଼ ଲକ୍ଷ ବର୍ଗ ମିଟର ଅଞ୍ଚଳରେ ନିର୍ମିତ ଏହି ଅତ୍ୟାଧୁନିକ କାର୍ଯ୍ୟାଳୟରେ ଦୁଇଟି ବେସ୍‌ମେଣ୍ଟ ଏବଂ ୭ଟି ମହଲା ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଆଧୁନିକ, ଦକ୍ଷ ଏବଂ ନାଗରିକ କୈନ୍ଦ୍ରୀକ ଶାସନ ଦୃଷ୍ଟିକୋଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ଏହା ଏକ ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି ।

# ପିଏମ୍-ଏଗ୍ରିକଲଚର୍ କନ୍‌ଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ଏମ୍.ଏସ୍. ସ୍ୱାମୀନାଥନ ଶତବାର୍ଷିକୀ ଆନ୍ତର୍ଜାତିକ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । କୃଷି ବିଜ୍ଞାନ ଏବଂ ଖାସ୍ୟ ସୁରକ୍ଷା କ୍ଷେତ୍ରର ପ୍ରଗତି ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ପ୍ରଫେସର ସ୍ୱାମୀନାଥନ୍‌ଙ୍କର ଏହି ଶତବାର୍ଷିକୀ ସମାରୋହକୁ ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ଫାଉଣ୍ଡେସନ୍’ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତୀୟ କୃଷି ଗବେଷଣା ପରିଷଦ ଏବଂ ଜାତୀୟ କୃଷି ବିଜ୍ଞାନ ଏକାଡେମୀର ମିଳିତ ସହଯୋଗରେ ଆୟୋଜନ କରାଯାଉଛି ।

ଏହି ତିନି ଦିନିଆ ସମ୍ମିଳନୀ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡକ୍ଟର ଏମ୍.ଏଲ୍. ଜାଠ କହିଛନ୍ତି, ପ୍ରଖ୍ୟାତ କୃଷି ବୈଜ୍ଞାନିକ ପ୍ରଫେସର ସ୍ୱାମୀନାଥନ୍‌ଙ୍କ ସମ୍ମାନାର୍ଥେ ପ୍ରଧାନମନ୍ତ୍ରୀ ଭାରତ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଏକ ସ୍ମାରକୀ ମୁଦ୍ରା ଏବଂ ଡାକଟିକଟ ଏହି ସମାରୋହରେ ଉନ୍ମୋଚନ କରିବେ । ଭାରତକୁ ଖାଦ୍ୟ ପ୍ରସଙ୍ଗରେ ଏକ ଅଭାବୀ ଦେଶରୁ ବଳକା ରାଷ୍ଟ୍ରରେ ରୂପାନ୍ତରିତ କରିବା ଦିଗରେ ପ୍ରଫେସର ସ୍ୱାମୀନାଥଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଡକ୍ଟର ଜାଠ୍ ଆଲୋକପାତ କରିଛନ୍ତି ।

ଏହି ସମାରୋହର ବିଷୟବସ୍ତୁ ରହିଛି – **ଚୀର ସବୁଜ ବିପ୍ଳବ - ଜୈବ କୃଷି ଦିଗରେ ପଥ ପ୍ରଦର୍ଶନ** । ବିଶ୍ୱର ବିଭିନ୍ନ ସ୍ଥାନରୁ ବହୁ ବିଶିଷ୍ଟ କୃଷି

ବୈଜ୍ଞାନିକ, କୃଷି କ୍ଷେତ୍ରର ନୀତି ନିର୍ଦ୍ଧାରକ ଓ ବିଭିନ୍ନ ଅଂଶିଦାର ଏଥିରେ ସାମିଲ ହୋଇ ଚୀର ସବୁଜ ବିପ୍ଳବକୁ ଆଗେଇ ନେବା ଦିଗରେ ଭବିଷ୍ୟତର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବେ ବୋଲି ସେ କହିଛନ୍ତି । ଏତଦ୍‌ବ୍ୟତୀତ ଏହି ସମାରୋହରେ ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ବଳର ସଂରକ୍ଷଣ ଓ ସ୍ଥାୟୀତ୍ୱ ଜଳବାୟୁ ପରିବର୍ତ୍ତନ, ପୁଷ୍ଟି ତତ୍ତ୍ୱ ସମ୍ପର୍କିତ କୃଷି, ସମାବେଶୀ ଏବଂ ବୈଷୟିକ ଜ୍ଞାନକୌଶଳ ଯୁକ୍ତ ଜୀବନ ଜୀବିକାର ସମାଧାନ ତଥା ବିକାଶ ଦିଗରେ ଯୁବବର୍ଗ, ମହିଳା ଏବଂ ସମ୍ପ୍ରଦାୟର ଅଂଶଗ୍ରହଣ ଉପରେ ଆଲୋଚନା କରାଯିବାର କାର୍ଯ୍ୟସୂଚୀ ରହିଛି ।

## ସମବାୟ ସମିତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ଥିବା ସମବାୟ ସମିତି ଗୁଡ଼ିକୁ ଏକ ସଫଳ ତଥା ଚଳଚଞ୍ଚଳ ବ୍ୟାବସାୟିକ କେନ୍ଦ୍ର ଭାବେ ରୂପାନ୍ତରିତ କରିବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଗତକାଲି ନୂଆଦିଲ୍ଲୀ ଠାରେ ସମବାୟ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଦିଗରେ ସମବାୟ ମନ୍ତ୍ରଣାଳୟର ପରାମର୍ଶଦାତା କମିଟିର ଦ୍ୱିତୀୟ ବୈଠକରେ ଅଧ୍ୟକ୍ଷତା କରିବା ଅବସରରେ ସେ ଏହା କହିଛନ୍ତି ।

ଶ୍ରୀ ଶାହା କହିଛନ୍ତି, ଆଗାମୀ ୫ ବର୍ଷ ମଧ୍ୟରେ ଦେଶରେ ୨ ଲକ୍ଷ ବହୁବିଧ ସମବାୟ ସମିତି ପ୍ରତିଷ୍ଠା କରିବାର ଲକ୍ଷ୍ୟ ହାସଲର ଅଂଶସ୍ୱରୂପ ଏପର୍ଯ୍ୟନ୍ତ ୩୫ ହଜାରରୁ ନୂତନ ସମିତି ଗଠନ କରାଯାଇସାରିଛି । ଗରିବ

ଏବଂ ଜମିହୀନ ଲୋକଙ୍କ ସମୃଦ୍ଧି ଦିଗରେ ସମବାୟ କ୍ଷେତ୍ର ମାଧ୍ୟମରେ ବିକାଶର ନୂତନପଥ ଉନ୍ମୋଚିତ ହୋଇପାରିବ ବୋଲି ଶ୍ରୀ ଶାହା କହିଛନ୍ତି । ସେ କହିଛନ୍ତି, ସମବାୟ, କୃଷି ଏବଂ କୃଷକମାନଙ୍କର ସମୃଦ୍ଧି ଲାଗି ତିନୋଟି ଜାତୀୟ ସ୍ତରୀୟ ସମବାୟ ସମିତି ସ୍ଥାପନ କରାଯାଇଛି ।

ଗତ ୪ ବର୍ଷ ମଧ୍ୟରେ ପ୍ରାଥମିକ କୃଷି ଋଣ ପ୍ରଦାନ ସମିତି, ମତ୍ସ୍ୟ ଉତ୍ପାଦନ, ଦୁଗ୍ଧ ଉତ୍ପାଦନ, ସମବାୟ ବ୍ୟାଙ୍କ୍, ଆଖୁ ସମବାୟ ସମିତି ଏବଂ ସମବାୟ ସୁଶାସନ ବ୍ୟବସ୍ଥାରେ ଅନେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି । ଦେଶରେ ଏକ ନିରନ୍ତର ସମବାୟ ବିକାଶ ଲାଗି ଜାତୀୟ ସମବାୟ ନୀତି ୨୦୨୫ ଅଧୀନରେ ଏକ ସମନ୍ୱିତ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି ବୋଲି ଶ୍ରୀ ଶାହା କହିଛନ୍ତି ।

## ଉତ୍ତରାଖଣ୍ଡ କ୍ଲାଉଡ୍‌ବ୍ରଷ୍ଟ

ଉତ୍ତରାଖଣ୍ଡରେ ଖୀର୍ ଗଙ୍ଗା ନଦୀର ଉପରମୁଣ୍ଡରେ ବାଦଲ ଫଟା ବର୍ଷା ଯୋଗୁଁ ଅଚାନକ ଭୟଙ୍କର ବନ୍ୟା ଆସିବାରୁ ଉତ୍ତରକାଶୀ ଜିଲ୍ଲାର ଧରାଳି ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଜିଲ୍ଲା ଜରୁରୀକାଳୀନ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଧରାଳି ବଜାରରେ ଥିବା ବିଭିନ୍ନ ସୌଧ, ହୋଟେଲ୍ ଏବଂ ଦୋକାନ ଘର ଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି । ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ସେନା, ଏନ୍.ଡି.ଆର୍.ଏଫ୍., ଏସ୍.ଡି.ଆର୍.ଏଫ୍., ଜିଲ୍ଲା ପ୍ରଶାସନ ଏବଂ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା

ବିଭିନ୍ନ ଟିମ୍ ଗୁଡ଼ିକ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି । ଉତ୍ତରକାଶୀ ଜିଲ୍ଲାପାଳ ପ୍ରଶାନ୍ତ ଆର୍ଯ୍ୟ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପ୍ରାଥମିକ ଆକଳନ ଅନୁଯାୟୀ ଚାରି ଜଣଙ୍କର ମୃତ୍ୟୁ ହେବା ସହ ଅନେକ ଲୋକ ନିଖୋଜ ଅଛନ୍ତି ।

ଇତି ମଧ୍ୟରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଡେରାଡୁନ୍ ସ୍ଥିତ ରାଜ୍ୟ ଜରୁରୀକାଳୀନ କେନ୍ଦ୍ରରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ନିଆଯାଉଥିବା ପଦକ୍ଷେପ ଉପରେ ସୂଚନା ଦେଇ ଶ୍ରୀ ଧାମି କହିଛନ୍ତି :

**V/O- PUSHKAR-SINGH-DHAMI**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଧରାଳୀ ଘଟଣାରେ ପ୍ରଭାବିତ ପରିବାରଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି । ଏଥିସହିତ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ସଫଳତାର ସହ କାର୍ଯ୍ୟକାରୀ କରି ପ୍ରଭାବିତ ବ୍ୟକ୍ତିଙ୍କୁ ଯଥା ସମ୍ଭବ ସହାୟତା ଯୋଗାଇଦେବା ଦିଗରେ ପଦକ୍ଷେପ ନେବାକୁ ସାମାଜିକ ଗଣମାଧ୍ୟମରେ ଶ୍ରୀମତୀ ମୁର୍ମୁ ଆଶା ବ୍ୟକ୍ତ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ଧାମିଙ୍କ ସହିତ ଫୋନ୍ ଯୋଗେ କଥାବାର୍ତ୍ତା ହୋଇ ତାଜା ସ୍ଥିତି ସମ୍ପର୍କରେ ଅବଗତ ହୋଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍ଧାରକାରୀ ଦଳ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି । ଏଥିସହିତ ଏହି ବାଦଲଫଟା ବର୍ଷା ଜନିତ

ବନ୍ୟାରେ ପ୍ରଭାବିତ ପରିବାରବର୍ଗଙ୍କ ପ୍ରତି ପ୍ରଧାନମନ୍ତ୍ରୀ ସମବେଦନା ଜ୍ଞାପନ କରିଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଧ୍ୟ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ସହ ଫୋନ୍ ଯୋଗେ କଥାବାର୍ତ୍ତା ହୋଇ ଘଟଣା ସମ୍ପର୍କରେ ଅବଗତ ହୋଇଛନ୍ତି ବୋଲି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି, ନିକଟରେ ଥିବା ତିନୋଟି ଭାରତ-ତୀବ୍ବତୀୟ ସୀମା ପୋଲିସ୍ ଦଳ ଏବଂ ଚାରୋଟି ଏନ୍.ଡି.ଆର୍.ଏଫ୍. ଦଳକୁ ସମ୍ପୃକ୍ତ ଗ୍ରାମକୁ ଉଦ୍ଧାର କାର୍ଯ୍ୟ ଲାଗି ପଠାଯାଇଛି ।

## ଟ୍ରମ୍ପ୍-ଟାରିଫ୍

ରୁଷ ଠାରୁ ଶକ୍ତି କିଣୁଥିବା ଦେଶଗୁଡ଼ିକ ଉପରେ କେତେ ପ୍ରତିଶତ ଶୁଳ୍କ ଲଗାଯିବ ସେ ସମ୍ପର୍କରେ କୌଣସି ମନ୍ତବ୍ୟ ଦେଇ ନାହାନ୍ତି ବୋଲି ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି । ଗତକାଲି ହ୍ୱାଇଟ୍ ହାଉସ୍ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଟ୍ରମ୍ପ୍ ଏହା କହିଛନ୍ତି । ରୁଷ ଠାରୁ ଶକ୍ତି କିଣୁଥିବା ଦେଶ ଗୁଡ଼ିକ ଉପରେ ସତପ୍ରତିଶତ ଶୁଳ୍କ ଲଗାଯିବା ପ୍ରସଙ୍ଗରେ ତାଙ୍କ ମନ୍ତବ୍ୟ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଟ୍ରମ୍ପ୍ କହିଛନ୍ତି, ଶୁଳ୍କ ଲଗାଯିବା ପ୍ରସଙ୍ଗରେ ପ୍ରତିଶତ ସମ୍ପର୍କରେ ସେ କୌଣସି ମନ୍ତବ୍ୟ ଦେଇ ନାହାନ୍ତି । ଆମେରିକା ରୁଷ ସହ ଏ ଦିଗରେ ଆଜି ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ଏବଂ ଏହାର ସକାରାତ୍ମକ ଫଳାଫଳ ଉପରେ ଶ୍ରୀ ଟ୍ରମ୍ପ୍ ଆଶାବ୍ୟକ୍ତ କରିଛନ୍ତି ।